# ତହସିଲଦାରଙ୍କ ଅଦାଲତ, ଝୁମ୍ପୁରା

ରାଜସ୍ୱ ବିବିଧ ମାମଲା ସଂଖ୍ୟା – ୮୦/୨୦୨୫

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ , ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୋଡାସିମିଳା ର ଗୃହ ନିର୍ମାଣ ନିମନ୍ତେ , ଗୋଷ୍ଠି ଶିକ୍ଷା ଅଧିକାରୀ, ଝୁମ୍ପୁରା ଆବେଦନ କରିଛନ୍ତି। ଉକ୍ତ ଜମି ସରକାରୀ ରକ୍ଷିତ ଖାତାରେ ଥାଇ ଏହାର କିସମ ଉନ୍ନତ ଯୋଜନା ଯୋଗ୍ୟ ରହିଅଛି। ଉକ୍ତ ଜମିକୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୋଡାସିମିଳା ର ବିଦ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ବେସଂରକ୍ଷଣ କରିବା ଅପରିହାର୍ଯ୍ୟ ଅଟେ। ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ,ଗ୍ରାମବସୀ /ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ. ୨୦.୦୦ଙ୍କା (କୋଡିଏ ଟଙ୍କା) ର କୋର୍ଟ ଫୀ ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ ।

## ତଫସିଲ

### ମୌଜା- ପୋଡାସିମିଳା

| ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ପ୍ରସ୍ତାବିତ ରକବା (ଏକରରେ) | କିସମ |
|---|---|---|---|---|
| ୧୫୨ (ରକ୍ଷିତ) | ୯୬୦ | ୦.୩୭୦ | ୦.୩୭୦ | ଉନ୍ନତ ଯୋଜନା ଯୋଗ୍ୟ |

ତହସିଲଦାର, ଝୁମ୍ପୁରା
TAHASILDAR
JHUMPURA

ଏହାର ଏକକିତ ନକଲ ସଂପୃକ୍ତ ଗ୍ରାମରେ ଡକ ବାଜି ଜନ୍ତ ଦ୍ୱାରା ପ୍ରଚାର/ପ୍ରସାର ପାଇ ପ୍ରେରିତ କରାଗଲା। ଅନ୍ୟ ଏକକିତ ନକଲ District Website:www.kendujhar.odisha.gov.in ରେ ପ୍ରକାଶନ ପାଇଁ/ ଅନ୍ୟ ଏକକିତ ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଏବଂ ଅନ୍ୟ ଏକକିତ ନକଲ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରିତ କରାଗଲା।

ତହସିଲଦାର, ଝୁମ୍ପୁରା
TAHASILDAR
JHUMPURA

Scanned with OKEN Scanner